The Orissa Gazette

EXTRAORDINARY
PUBLISHED BY AUTHORITY

No. 1020, CUTTACK, MONDAY, MAY 2, 2011/ BAISAKHA 12, 1933

## HOUSING & URBAN DEVELOPMENT DEPARTMENT

NOTIFICATION

The 30th April, 2011

**S.R.O. No.318**/2011— In pursuance of sub-section (1) and clause(h) of sub-section(2) of Section 54 of the Orissa Municipal Act,1950(Orissa Act 23 of 1950), the State Government do hereby publish the following resolution passed by two third of the total number of the councillors of Junagarh, Notified Area Council at a meeting of the said council held at 11.00 A.M. on the 5th January, 2011 in the Meeting Hall of the Junagarh, Notified Area Council specially convened by the Collector & District Magistrate, Kalahandi and presided over by the Sub-Collector, Dharmagarh having been specially authorized by the Collector & District Magistrate, Kalahandi under clause (d) of sub-section (2) of Section 54 of the said Act, recording want of confidence in Sri Mahesh Kumar Sahu, Chairperson of the aforesaid council along with records of proceedings at such meeting.

As such Sri Mahesh Kumar Sahu holding the office of Chairperson of the Junagarh Notified Area Council shall be deemed to have vacated such office with effect from the date of passing of the resolution i.e. the 5th January, 2011.

**"RESOLUTION"**

## ସ୍ୱତନ୍ତ୍ର ବୈଠକ

ତା.05.01.2011

ସମୟ ପୂର୍ବାହ୍ଣ ଘ. 11.00 ମି.

ଜିଲ୍ଲାପାଳ, କଳାହାଣ୍ଡିଙ୍କ ଆଦେଶ ସଂ.3159 ତା.27.12.2010 ର ପ୍ରଦତ୍ତ କ୍ଷମତା ଅନୁଯାୟୀ ଅଦ୍ୟ ତା.5.1.2011 ରିଖ ପୂର୍ବାହ୍ଣ ଘ 11.00 ମି. ସମୟରେ ଶ୍ରୀ ସତ୍ୟନାରାୟଣ ଦାଶ, ଓ.ପ୍ର.ସେ (1) କନିଷ୍ଠ ଉପଜିଲ୍ଲାପାଳ ଧର୍ମଗଡ଼ଙ୍କ ଅଧ୍ୟକ୍ଷତାରେ ପରିଷଦ ସଭାଗୃହରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରିବା ପାଇଁ ସ୍ୱତନ୍ତ୍ର ଭାବେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ନିମ୍ନସ୍ୱାକ୍ଷରକାରୀ ପାରିଷଦମାନେ ଉପସ୍ଥିତ ଥିଲେ ।

---

| | ନାମ | ୱାର୍ଡ ନଂ. | ଦସ୍ତଖତ |
|---|---|---|---|
| 1. | Sudhansu Sekhar Barad | 5 | Sd/- |
| 2. | Jugal Kishor Sahu | 1 | Sd/- |
| 3. | ପାର୍ଥ ମହାଲିକ | 8 | ସ୍ୱାକ୍ଷରିତ |
| 4. | Bijaya Laxmi Kandpan | 2 | Sd/ |
| 5. | Kanhai lal Kaibarta | 6 | Sd/ |
| 6. | Mukesh Agrawal | 3 | Sd/ |
| 7. | Kusuma Dh.Majhi | 4 | Sd/ |
| 8. | Babita Behera | 7 | Sd/ |
| 9. | Binodini Sahu | 9 | Sd/ |

ଓଡିଶା ପୌର ଆଇନ 1950 ର ଧାରା 54 (G) ଅନୁଯାୟୀ ସମୁଦାୟ ପାରିଷଦସଂଖ୍ୟାର ଦୁଇ ତୃତୀୟାଂଶ ରୁ ଅଧିକ ପାରିଷଦ ଉପସ୍ଥିତ ଥିବାରୁ ବୈଠକ ଆରମ୍ଭ କରାଯାଇଥିଲା । ବୈଠକ ପ୍ରାରମ୍ଭରେ ଉପଜିଲ୍ଲାପାଳ, ଧର୍ମଗଡ଼ ଅନାସ୍ଥା ପ୍ରସ୍ତାବ ଉପରେ ବିଶଦ ଭାବରେ ପାରିଷଦମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ସମୁଦାୟ ୯ (ନଅ) ଜଣ ପାରିଷଦ ଉପସ୍ଥିତ ଥାଇ ଅନାସ୍ଥା ପ୍ରସ୍ତାବ ଉପରେ କୈଣସି ଆଲୋଚନା ନ କରି ସିଧା ସଳକ ଗୁପ୍ତ ଭୋଟ ପ୍ରକ୍ରିୟା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ତଦନୁଯାୟୀ ଯେହେତୁ ଭୋଟିଂର ଆବଶ୍ୟକତା ଉପୁଜିଥିବାରୁ ସ୍ୱତନ୍ତ୍ର ଭାବେ ୧୨ (ବାର) ଗୋଟି ଭୋଟ କାଗଜ ପ୍ରସ୍ତୁତ କରାଯାଇଥିଲା ଏବଂ ସ୍ୱତନ୍ତ୍ର ଭୋଟ କମ୍ପାର୍ଟମେଣ୍ଟ ପ୍ରସ୍ତୁତ କରାଗଲା । ତା'ପରେ ଭୋଟ ବାକ୍ସ ତଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଭୋଟ କାଗଜ ଗୁପ୍ତ ଭୋଟ ସମ୍ବନ୍ଧରେ ସମସ୍ତ ତଥ୍ୟ ଉପସ୍ଥିତ ପାରିଷଦମାନଙ୍କୁ ବୁଝାଇ ଦିଆଯାଇଥିଲା । ଭୋଟ ବାକ୍ସଟି ସମସ୍ତଙ୍କ ସମ୍ମୁଖରେ ପ୍ରଦାନ କରାଯାଇ ଅସ୍ଥାୟୀ ଜଉମୁଦ ଦିଆଯାଇଥିଲା । ତାପରେ ଗୁପ୍ତ ଭୋଟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ପାରିଷଦମାନଙ୍କ ଦସ୍ତଖତ ନିଆଯାଇ ଉପସ୍ଥିତ ସମସ୍ତ ପାରିଷଦମାନଙ୍କୁ ଜଣକ ପରେ ଜଣକୁ ଭୋଟ କାଗଜ ପ୍ରଦାନ କରାଯାଇଥିଲା ।

1. ଶ୍ରୀ ଯୁଗଳ କିଶୋର ସାହୁ Sd/-
2. ଶ୍ରୀ ପାର୍ଥ ମାହାଲିକ ସ୍ୱାକ୍ଷରିତ
3. ଶ୍ରୀ ସୁଧାଂଶୁ ଶେଖର ବରାଡ Sd/
4. ଶ୍ରୀମତୀ ବିଜୟ ଲକ୍ଷ୍ମୀ କଣ୍ଡପାନ Sd/
5. ଶ୍ରୀ କହ୍ନେଇ ଲାଲ କୈବର୍ତ୍ତ Sd/
6. ଶ୍ରୀ ମୁକେଶ ଅଗ୍ରୱାଲ Sd/
7. ଶ୍ରୀମତୀ କୁସୁମ ଧଙ୍ଗଡାମାଝୀ Sd/
8. ଶ୍ରୀମତୀ ବବିତା ବେହେରା Sd/
9. ଶ୍ରୀମତୀ ବିନୋଦିନୀ ସାହୁ Sd/

ଭୋଟ ଗ୍ରହଣ ପ୍ରକ୍ରିୟା ପୂର୍ବାହ୍ନ ଘ 11.30 ମି. ରେ ଆରମ୍ଭ କରାଯାଇ ଘ 11.55 ମି. ରେ ଶେଷ ହୋଇଥିଲା । ମାନ୍ୟବର ଓଡିଶା ଉଚ୍ଚନ୍ୟାୟାଳୟଙ୍କ କେଶ୍ ନଂ. 58 of 2011-W.P.(C) ତା. 4.01.2011 ଦିନ ଆଦେଶ ଅନୁଯାୟୀ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଦ୍ୱାରା ଧାରା 54 (2) ଅନୁଯାୟୀ ଆଦୃତ ହୋଇଥିବା ବୈଠକର ଫଳାଫଳ ପ୍ରକାଶ ନ କରିବା, ଏ ସମ୍ବନ୍ଧରେ କୌଣସି ପଦକ୍ଷେପ ନ ନେବାପାଇଁ ନିର୍ଦ୍ଦେଶନାମା ଜାରୀ ହୋଇଅଛି । ଏଣୁ ଉପସ୍ଥିତ ସମସ୍ତ ପାରିଷଦଙ୍କ ସମୁଖରେ ଧାରା 54 (ଙ) ଆନୁସାରେ ହୋଇଥିବା ଗୁପ୍ତଭୋଟ ଜରିଆରେ ପ୍ରଦାନ କରାଯାଇଥିବା ଭୋଟ ବାକ୍ସକୁ ସ୍ଥାୟୀ ଜଉମୁଦ କରାଯାୟୀ ଉପସ୍ଥିତ ପରିଷଦମାନଙ୍କ ଦସ୍ତଖତ ନିଆଯାଇଥିଲା । ପରିଷଦରେ ନିର୍ଦ୍ଧାରଣ ପୁସ୍ତକ ଅବ୍ୟବହୃତ 3 (ତିନି) ଖଣ୍ଡ ଭୋଟ କାଗଜ ସହ ଜିଲ୍ଲାପାଳ କଳାହାଣ୍ଡିଙ୍କ ନିକଟକୁ ପ୍ରେରଣ କରାଗଲା ।

ତା'ପରେ ବୈଠକ ସମାପ୍ତ ଘୋଷଣା କରାଗଲା ।

ସ୍ୱା/-
୫.୧.୧୧
ଉପ ଜିଲ୍ଲାପାଳ, ଧର୍ମଗଡ଼
ତଥା
ପ୍ରିଜାଇଡିଂ ଅଫିସର

1. ପାର୍ଥ ମାହାଳିକ
2. Mukesh Agrawal
3. Sudhansu Sekhar Barad
4. Jugal Kishor Sahu
5. Kanhai lal Kaibarta
6. Bijaya Laxmi Kandpan
7. Babita Behera
8. Binodini Sahu
9. Kusuma Dh.Majhi

ତା.6.4.2011

ସମୟ ଦିବା ଘ 12.00 ମି.

ଜିଲ୍ଲାପାଳ କଳାହାଣ୍ଡିଙ୍କ ପତ୍ର ସଂ. 798 ତା. 29.3.2011 ନିର୍ଦ୍ଦେଶ ମୁତାବକ ଅଦ୍ୟ ତା. 6.4.2011 ଦିବା ଘ 12.00 ମି. ସମୟରେ ତା. 5.1.2011 ରିଖରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷଙ୍କ ସମ୍ବନ୍ଧରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ସମ୍ବନ୍ଧୀୟ ଭୋଟ ଗଣତି ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରାଯାଇଅଛି । ଏହି ପରିପ୍ରେକ୍ଷୀରେ ଏହା ସୁଚାଇଦିଆଯାଉଅଛି ଯେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ପତ୍ର ସଂ. 19 ତା. 4.1.2011 ରିଖରେ ଜାରି ହୋଇଥିବା ପତ୍ର ଅନୁଯାୟୀ W.P.(C) 58/2011 ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓଡ଼ିଶାଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ ବୈଠକରେ ଭୋଟ ଗ୍ରହଣ କରାଯାଇ ଥିଲେ ମଧ୍ୟ ତାହା ପ୍ରକାଶ କରାନଯାଇ ଜିଲ୍ଲାପାଳଙ୍କ ଉପରୋକ୍ତ ଆଦେଶାଅନୁଯାୟୀ ଜଉମୁଦ ଦିଆଯାଇଥିବା ଭୋଟ ବାକ୍ସରେ ଭର୍ତ୍ତି କରାଯାଇ ଜିଲ୍ଲାପାଳ, କଳାହାଣ୍ଡିଙ୍କୁ ହସ୍ତାନ୍ତର କରାଯାଇଥିଲା । ଅଦ୍ୟ ତା. 6.4.2011 ରିଖରେ ଉକ୍ତ ଜଉମୁଦ ଭୋଟ ବାକ୍ସ, ନିର୍ଦ୍ଧାରଣ ପୁସ୍ତିକା ଏବଂ ଅବ୍ୟବହୃତ ଭୋଟ କାଗଜ ଜିଲ୍ଲାପାଳ କଳାହାଣ୍ଡିଙ୍କ ଠାରୁ ଗ୍ରହଣ କରି ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ମଖ୍ୟଙ୍କ ନିର୍ଦ୍ଧାରିତ ସମୟ ଦିବା ଘ 12.00 ମି.ରେ ନିମ୍ନସ୍ୱାକ୍ଷରକାରୀ ପାରିଷଦମାନଙ୍କ ଉପସ୍ଥିତିରେ ଖୋଲାଯାଇଥିଲା ।

1. ପାର୍ଥ ମାହାଲିକ
2. Jugal Kishor Sahu — Councillor, W.N.1 NAC, Junagarh
3. Kanhai lal Kaibarta — Councillor, W.N.6 NAC Junagarh
4. Babita Behera — Councillor, W.N.7 NAC, Junagarh
5. Binodini Sahu — Councillor, W.N.9 NAC, Junagarh
6. Kusuma Dh.Majhi — Councillor, W.N.4 NAC, Junagarh
7. Sudhansu Sekhar Barad — Councillor, W.N.5 NAC, Junagarh
8. Mukesh Agrawal — Councillor, W.N.3
9. Bijaya Laxmi Kandpan — Vice/Chairperson

ଭୋଟ ବାକ୍ସ ଭିତରୁ ତା. 5.1.2011 ରିଖରେ ପକାଯାଇଥିବା 9 (ନଅ) ଖଣ୍ଡ ଭୋଟ କାଗଜ ବାହାର କରାଗଲା ଏବଂ ଉପରୋକ୍ତ ସ୍ୱାକ୍ଷରକାରୀ ସମସ୍ତ ପାରିଷଦଙ୍କ ସମ୍ମୁଖରେ ଗଣନା କରାଗଲା । ଗଣତିରୁ ଜଣାଗଲା ଯେ ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ 9 ଟି ଯାକ ଭୋଟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ ହୋଇଅଛି ।

ଏଣୁ ଓଡିଶା ମ୍ୟୁନିସିପାଲ ଆଇନ 1950 ର ଧାରା 54 (h) ଅନୁଯାୟୀ ତା. 5.1.2011 ରିଖରେ ଆଗତ ହୋଇଥିବା ପ୍ରସ୍ତାବ ଏବଂ ତା. 6.4.2011 ରିଖର ସମସ୍ତ ମୂଳ ବିବରଣୀ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ନିକଟକୁ ପରବର୍ତ୍ତୀ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

ଧାରା 54 (1) ଅନୁଯାୟୀ ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅବଗତ ନିମନ୍ତେ ଏହାର ଏକ କିତା ନକଲ ପ୍ରେରଣ କରାଗଲା ।

ସ୍ୱା/-
୬.୪.୧୧
ଉପଜିଲ୍ଲାପାଳ, ଧର୍ମଗଡ଼ ତଥା
ପ୍ରିଜାଇଡିଂ ଅପଫିସର

[No.10946-Spl.Ml-24/2011/HUD.]

By order of the Governor

D.K.BIHARA
Director, Municipal Administration and
*Ex Officio*, Additional Secretary to Government

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 289-193+20